## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ମୃତ

ବାସୁଦେବପୁର,୮।୯(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ଅଧୀନ ବାଲିମେଦ ପଞ୍ଚାୟତ ଅପର୍ତ୍ତିପୁର ଗ୍ରାମରେ ରବିବାର ଅପରାହ୍ନରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ଗ୍ରାମର ନୃସିଂହ ବେହେରାଙ୍କ ସ୍ତ୍ରୀ ପାର୍ବତୀ ବେହେରା। ସେ ଘର ଭିତରେ ଥିବାବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ିଥିଲା। କିଛି ସମୟ ପରେ ସେ ସଂଜ୍ଞାହୀନ ହୋଇପଡ଼ିଥିଲେ। ପରିବାର ଲୋକ ତାଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଆଇନଜୀବୀଙ୍କୁ ଆକ୍ରମଣ କରି ଜେଲ ଗଲେ ପିଇଓ

ଭଦ୍ରକ,୮।୯(ସନାତନ ରାଉତ)

ରାସ୍ତା ଉପରେ ଜଣେ ଆଇନଜୀବୀଙ୍କୁ ଆକ୍ରମଣ କରି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ ଜେଲ ଯିବାକୁ ପଡ଼ିଛି। ଗିରଫ ଅଭିଯୁକ୍ତ ହେଲେ ଧାମନଗର ଥାନା ଅଧୀନ କଲ୍ୟାଣୀ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଚିତ୍ତରଞ୍ଜନ ନାୟକ। ରବିବାର ତାଙ୍କୁ କୋର୍ଟଚାଲାଣ ପରେ ଭଦ୍ରକ ଜେଲ୍‌କୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଗତ ୫ ତାରିଖ ସନ୍ଧ୍ୟାରେ ବନ୍ତ ଥାନା ଅଧୀନ ବେଗନା ଗ୍ରାମର ଆଇନଜୀବୀ ବିଶ୍ୱନାଥ ସାହୁ ନିଜ କାର୍‌ରେ ଭଦ୍ରକ କୋର୍ଟରୁ ଘରକୁ ଫେରୁଥିଲେ। କେନ୍ଦୁଆପଦା ଛକ ନିକଟରେ ରାସ୍ତା ଜାମ୍ ଥିବାରୁ ସେ ଗାଡ଼ି ଛିଡ଼ା କରାଇଥିଲେ। ସେହି ସମୟରେ ପିଇଓ ବନ୍ତ ଥାନା ଅଧୀନ ପଧାନପଡ଼ା ଗ୍ରାମର ଚିତ୍ତରଞ୍ଜନ ରାସ୍ତାରେ କାହିଁକି ଗାଡ଼ି ରଖିଛୁ କହି ତାଙ୍କୁ ଗାଳିଗୁଲଜ କରିଥିଲେ। ଏପରିକି ତାଙ୍କର କେତେଜଣ ସହଯୋଗୀ ମିଶି ବିଶ୍ୱନାଥଙ୍କୁ ଗାଡ଼ି ଭିତରୁ ଘୋଷାରି ଆଣି ମାଡ଼ ମାରିଥିଲେ। ତାଙ୍କ କାର୍ ଚାବି ସହ କିଛି କାଗଜପତ୍ର ଛଡ଼ାଇ ନେଇଥିଲେ ବୋଲି ବିଶ୍ୱନାଥ ବନ୍ତ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଥିଲେ। ଏନେଇ ଥାନାରେ ମାମଲା (ନଂ.୧୫୫/୨୪) ରୁଜୁ କରାଯାଇଛି।

### ଝଲସୁଛି ମଣ୍ଡପ, ପୂଜା ପାଉଛନ୍ତି ଗଜାନନ



ଚାନ୍ଦବାଲି,୮।୯(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକରେ ବିଭିନ୍ନ କ୍ଲବ୍, ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିରେ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ପୂଜା ଧୁମ୍‌ଧାମ୍‌ରେ ଅନୁଷ୍ଠିତ ହୋଇଛି। ଚଳିତବର୍ଷ ମହୁଲିଆ ପଞ୍ଚାୟତର ନିଶ୍ଚିନ୍ତା ଏବଂ ବାଲିପାଟଣା ଗ୍ରାମର ଯୁବକମାନଙ୍କ ଦ୍ୱାରା ପୂଜା ମଣ୍ଡପରେ ଆକର୍ଷଣୀୟ ସୁଉଚ୍ଚ ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗ ଆଲୋକ ସାଜସଜ୍ଜା ଦର୍ଶକଙ୍କୁ ଆକୃଷ୍ଟ କରୁଛି। ରଙ୍ଗିନ ଆଲୋକ ସାଜସଜ୍ଜାରେ ମଣ୍ଡପ ଝଲସୁଛି। ସେହିପରି ଏନ୍‌ଏସି ଅଧୀନ ପାଞ୍ଚପଡା କଲେଜ ଛକ ନିକଟରେ ଜେକେ ପୂଜା ମଣ୍ଡପରେ ୩୦ ଫୁଟ୍ ଉଚ୍ଚର ଗଣେଶ ମୂର୍ତ୍ତି ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ବିଜି କ୍ଲବ ପକ୍ଷରୁ ବିନତରାଠାରେ ପୂଜା ଅନୁଷ୍ଠିତ ହୋଇଛି। ମଣ୍ଡପ ବୁଲିବାକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ମେଲୋଡ଼ି ଓ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଛି।

### ଦୀନବନ୍ଧୁଙ୍କୁ ଝୁରୁଛି ସରପଦା

ଭଣ୍ଡାରିପୋଖରୀ,୮।୯(ରାଜେନ୍ଦ୍ର ଶତପଥୀ)

ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଭଣ୍ଡାରିପୋଖରୀ ବ୍ଲକ ସରପଦା ଗ୍ରାମର ଦୀନବନ୍ଧୁ ରାଉତ(୩୨)ଙ୍କୁ ଗାଁ ଝୁରୁଛି। ଶନିବାର ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି। ଶୁକ୍ରବାର ଅପରାହ୍ନରେ ଭଦ୍ରକରେ ଘଟିଥିବା ଦୁର୍ଘଟଣାରେ ଦୀନବନ୍ଧୁଙ୍କ ମୃତ୍ୟୁ ଘଟିଛି। ମୃତଦେହ ଭଣ୍ଡାରିପୋଖରୀ ବଜାରରୁ ଶୋଭାଯାତ୍ରାରେ ସରପଦାକୁ ନିଆଯାଇଥିଲା। ଦୀନବନ୍ଧୁ ଜଣେ ସରଳ, ମେଳାପି ଓ ପରୋପକାରୀ ଯୁବକ ଥିଲେ। ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲ, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ, ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ଭାଜପା ନେତା ବଦ୍ରିନାରାୟଣ ଧଳ, ପୂର୍ବତନ ସରପଞ୍ଚ ବିଜୟ ଶଙ୍କର ମହାନ୍ତି, ପ୍ରଶାନ୍ତ ସାହୁ, ମଦନ ରାଉତ, ଯୁବନେତା ପ୍ରତ୍ୟୁଷ ସାମଲ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ସ୍ୱାବଲମ୍ବୀ କରାଇଛି କୁଟୀର ଶିଳ୍ପ

ଭଣ୍ଡାରିପୋଖରୀ,୮।୯(ରାଜେନ୍ଦ୍ର ଶତପଥୀ)

ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଇବା ପାଇଁ ସରକାର ଅନେକ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି। ରିହାତିରେ ଋଣ ଯୋଗାଇ ଦେଉଛନ୍ତି ସରକାର। ଏହାସତ୍ତ୍ୱେ ଏମିତି ବି କିଛି ମହିଳା ଅଛନ୍ତି ଯେଉଁମାନେ ସରକାରୀ ସହାୟତା ବିନା କ୍ଷୁଦ୍ର ଉଦ୍ୟୋଗ ପ୍ରତିଷ୍ଠା କରି ସ୍ୱାବଲମ୍ବୀ ହେବା ସହ ପରିବାରର ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିପାରିଛନ୍ତି। ଏମିତି ଜଣେ ମହିଳା ହେଉଛନ୍ତି ଭଣ୍ଡାରିପୋଖରୀ ବ୍ଲକ ଅଧୀନ ବର୍ୟାଁବନାପୁର ପଞ୍ଚାୟତ ସରପଦା ଗ୍ରାମର ମିନତି ଦାଶ(୨୯)।

ସେ ଗତବର୍ଷଠାରୁ ଏକ ଘରେ କୁଟୀର ଶିଳ୍ପ ଆରମ୍ଭ କରିଛନ୍ତି। କଟକ ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରୁ କଞ୍ଚା ମାଲ ଆଣି ବିଭିନ୍ନ ପ୍ରକାର ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି। ୫/୬ ପ୍ରକାର ଫିନାଇଲ ସହ



ବର୍ୟାଁବନାପୁର ଗ୍ରାମର ମିନତି ଦାଶ ଘରେ ଫିନାଇଲ ପ୍ରସ୍ତୁତ କରୁଛନ୍ତି।

ମଶାଧୂପ, ପୂଜା ଧୂପ, ଟଏଲେଟ୍ କ୍ଲିନର, ଫ୍ଲୋରିନ କ୍ଲିନର, ଲୁଗା ସଫା ପାଉଡର ଓ ବାସନ ମଜା ସାବୁନ ପ୍ରସ୍ତୁତ କରି ଭଣ୍ଡାରିପୋଖରୀ, ଧୂଷୁରୀ, ବନ୍ତ ଆଦି ଅଞ୍ଚଳରେ ଖୁଚୁରା ବିକ୍ରେତାମାନଙ୍କୁ ବିକ୍ରୟ କରୁଛନ୍ତି। ବ୍ୟାଙ୍କ୍‌ରୁ ଲକ୍ଷେ ଟଙ୍କା ଋଣ ଆଣି ଏହି ବ୍ୟବସାୟ ଆରମ୍ଭ କରିଥିଲେ। ଏଥିରେ ତାଙ୍କୁ ସ୍ୱାମୀ ପ୍ରଭାତଙ୍କ ସମେତ ଶାଶୁ ଶ୍ୱଶୁର ମଧ୍ୟ ସହଯୋଗ କରନ୍ତି। ତାଙ୍କ ବ୍ୟବସାୟରେ ଦୁଇଜଣ ବ୍ୟକ୍ତିଙ୍କୁ ନିୟୋଜିତ କରିଛନ୍ତି। ସେମାନଙ୍କୁ ପାରିଶ୍ରମିକ ଦେବା ପରେ ପ୍ରାୟ ୩୦ରୁ ୩୫ ହଜାର ଟଙ୍କା ମାସକୁ ତାଙ୍କର ଏଥିରୁ ରୋଜଗାର ହେଉଥିବା ମିନତି କହିଛନ୍ତି।

ସେ ସ୍ନାତକୋତ୍ତର ଶିକ୍ଷାଲାଭ କରିଥିବା ବେଳେ ଗ୍ରାମାଞ୍ଚଳର ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀରେ ରହି ଦୀର୍ଘ ବର୍ଷ କାମ କରିଛନ୍ତି। ଆଗକୁ ବ୍ୟବସାୟ ବଢ଼ାଇବା ପାଇଁ ସେ ଲକ୍ଷ୍ୟ ରଖିଥିବା ବେଳେ ଏକ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ଚିନ୍ତା କରିଛନ୍ତି। ଏଥିପାଇଁ ବହୁ ଅର୍ଥର ଆବଶ୍ୟକତା ଥିବାରୁ କୌଣସି ସରକାରୀ ଋଣ ମିଳିଲେ ଘରୋଇ ଶିଳ୍ପକୁ ବଢ଼ାଇବା ସହ ଅନେକ ମହିଳାଙ୍କୁ ନିଯୁକ୍ତି ଦେଇ ନିଜ ସ୍ୱପ୍ନକୁ ସାକାର କରିପାରନ୍ତେ ବୋଲି ମିନତି କହିଛନ୍ତି।

## ୧୦୭ ବର୍ଷରେ ସିଦ୍ଧି ଗଣେଶ ପୂଜା



ଭଦ୍ରକ,୮।୯ (ସନାତନ ରାଉତ)

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଗଣିଜାଙ୍ଗ ପଞ୍ଚାୟତର ଅରଞ୍ଜି ଗାଁରେ ୧୦୭ ବର୍ଷ ଧରି ପୂଜା ପାଉଛନ୍ତି ସିଦ୍ଧି ଗଣେଶ। ସ୍ୱର୍ଗତ ଗଙ୍ଗାଧର ମହାପାତ୍ର ପ୍ରଥମେ ଏହି ପୂଜା ଆରମ୍ଭ କରିଥିଲେ। ପରେ ତାଙ୍କ ପୁଅ ସ୍ୱର୍ଗତ ଯଦୁନାଥ ମହାପାତ୍ର, ଏବେ ଯଦୁନାଥଙ୍କ ପୁଅ ଶରତ ଚନ୍ଦ୍ର ମହାପାତ୍ର ଏବଂ ସୁଧାକର ମହାପାତ୍ର ପୂଜା ଆୟୋଜନ କରୁଛନ୍ତି। ଶନିବାର ଘଟୋତ୍ତଳନ ପରେ ବିଧି ଅନୁଯାୟୀ ପୂଜା ଅନୁଷ୍ଠିତ ହୋଇଥିଲା। ଏହି ମଣ୍ଡପରେ ୫ ଦିନ ଧରି ସିଦ୍ଧି ଗଣେଶ ପୂଜା ପାଇବେ। ପ୍ରତି ସନ୍ଧ୍ୟାରେ ଭଜନ କୀର୍ତ୍ତନ ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ଉକ୍ତ ପରିବାରର ପ୍ରଶାନ୍ତ ମହାପାତ୍ର କହିଛନ୍ତି। ସୁଶାନ୍ତ ମହାପାତ୍ର, ସରୋଜ ମହାପାତ୍ର, ଶ୍ରୀକାନ୍ତ ମହାପାତ୍ର, ପଙ୍କଜ ମହାପାତ୍ର, ରବି ଜେନା ପ୍ରମୁଖ ପୂଜା ପରିଚାଳନାରେ ସହଯୋଗ କରିଛନ୍ତି।

## ପଞ୍ଚାୟତ ବୁଲିଲା ସୁଭଦ୍ରା ସଚେତନତା ରଥ

ବନ୍ତ,୮।୯ (ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକରେ ରବିବାର ୨ୟ ଦିନରେ ସୁଭଦ୍ରା ସଚେତନତା ରଥ ରାମଚନ୍ଦ୍ରପୁର, ଆଡ଼ିଆ, ମହାନ୍ତିପଡା, ବିଟିପୁର, ପୁରୁଷଣ୍ଡ, ଗୋପୀନାଥପୁର ଆଦି ପଞ୍ଚାୟତ ପରିକ୍ରମା କରିଛି। ପରିକ୍ରମା ବେଳେ ବିଭିନ୍ନ ପଞ୍ଚାୟତର ସରପଞ୍ଚଙ୍କ ଉପସ୍ଥିତିରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଏମ୍‌ବିକେ, ସିଆର୍‌ପି, ଅଙ୍ଗନୱାଡି କର୍ମୀ, ବ୍ୟାଙ୍କମିତ୍ର ଓ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଏହି ରଥକୁ ସ୍ୱାଗତ କରିଥିଲେ।

ଶନିବାର ଏହି ସଚେତନତା ରଥକୁ ବିଡିଓ ପ୍ରଦୀପ କୁମାର ସେଠୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏବିଡିଓ ନିଶିକାନ୍ତ ଖୁଣ୍ଟିଆ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରକାଶ ସାହୁ, ଭାରପ୍ରାପ୍ତ ମଙ୍ଗଳ



ବିଟିପୁର ପଞ୍ଚାୟତରେ ଏସ୍‌ଏଚ୍‌ଜି ମହିଳାମାନେ ରଥକୁ ସ୍ୱାଗତ କରୁଛନ୍ତି।

ଅଧିକାରୀ ନିଶାକର ଖୁଣ୍ଟିଆ, ସିଡିପିଓ କାର୍ଯ୍ୟାଳୟର ସମସ୍ତ ସୁପରଭାଇଜର, ଓଡ଼ିଶା ଜୀବିକା ମିଶନର କର୍ମଚାରୀ, ବିଭିନ୍ନ ପଞ୍ଚାୟତର ଏମ୍‌ବିକେ, ସିଆର୍‌ପି ଓ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଯୋଗ ଦେଇଥିଲେ। ପ୍ରଥମ ଦିନରେ ଏହି ରଥ ବନ୍ତ, ବସନ୍ତିଆ, ଟିଲୋ ଆଦି ପଞ୍ଚାୟତ ପରିକ୍ରମା କରିଥିଲା।

## ରାଜପଥରେ ଟ୍ରେଲର ଚାଳକଙ୍କୁ ଆକ୍ରମଣ, ୨ ଗିରଫ

ଭଣ୍ଡାରିପୋଖରୀ,୮।୯
(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ୧୬ନଂ. ଜାତୀୟ ରାଜପଥର ଭାଗଡ଼ା-ନାରାୟଣପୁର ଟୋଲ୍‌ପ୍ଲାଜାଠାରେ ଜଣେ ଟ୍ରେଲର ଚାଳକଙ୍କୁ ମରଣାନ୍ତକ ଆକ୍ରମଣ ନେଇ ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଥିବା ଟ୍ରେଲର ଚାଳକ ହେଲେ ପଞ୍ଜାବ ଗୁରୁଦାସପୁର ଅଞ୍ଚଳର ଇନ୍ଦ୍ରଜିତ ସିଂ। ଏହି ଘଟଣାରେ ୨ଜଣ ଚନ୍ଦ୍ରଭାନୁପୁର (ମଠସାହି) ଗ୍ରାମର ଉମ୍ବରୁଧର ବେହେରା(୩୨) ଓ ଧନେଶ୍ୱର ଜେନା (୩୫)ଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଉକ୍ତ ଗ୍ରାମର ଅନ୍ୟ ଜଣେ ବ୍ୟକ୍ତିଙ୍କ ନାଁରେ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗ ଦୁର୍ଗାପୁରରୁ ସାମଗ୍ରୀ ନେଇ ଟ୍ରେଲର ପାରାଦୀପ ଯାଉଥିଲା। ଶନିବାର ରାତି ପ୍ରାୟ ୯ଟା ବେଳେ ଭଣ୍ଡାରିପୋଖରୀ ଅତିକ୍ରମ କରୁଥିବା ସମୟରେ ସାଇଡ୍ ମାରିଥିବା ଅଭିଯୋଗ କରି ଅଭିଯୁକ୍ତମାନେ ଟ୍ରେଲରକୁ ପିଛା କରି ଟୋଲପ୍ଲାଜା ନିକଟରେ ଧରିଥିଲେ। ଟ୍ରେଲର ଚାଳକ ଇନ୍ଦ୍ରଜିତଙ୍କୁ ଲୁହା ରଡ୍‌ରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଗୁରୁତର ଇନ୍ଦ୍ରଜିତଙ୍କୁ ଚିକିତ୍ସା ପାଇଁ ଯାଜପୁର ମେଡିକାଲକୁ ନିଆଯାଇଥିଲା। ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏନେଇ ସାମଗ୍ରୀ ପରିବହନ ସଂସ୍ଥାର ପରିଚାଳକ କୌଶଲ ଦାସଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା(ନଂ.୩୭୪/୨୪) ରୁଜୁ ହୋଇଛି। ଆକ୍ରମଣ ଘଟଣା ପରେ ଟୋଲ୍‌ଗେଟ୍‌ରେ ଅଟକିଥିବା ଟ୍ରେଲରକୁ ଛାଡ଼ିଦେବା ପାଇଁ ଜଣେ ସବ୍‌ଇନ୍ସପେକ୍ଟରଙ୍କ ଉଦ୍ୟମକୁ ଟୋଲ୍‌ଗେଟ କର୍ମଚାରୀ ବିରୋଧ କରିଥିଲେ। ଫଳରେ ଟ୍ରେଲରଟି ସେଠାରେ ଅଟକି ରହିଥିଲା।

## ସଚେତନ କରାଉଛି ସୁଭଦ୍ରା ରଥ



ପଞ୍ଚାୟତ କାର୍ଯ୍ୟାଳୟରେ ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

ବାସୁଦେବପୁର,୮।୯(ନାରାୟଣ ପ୍ରସାଦ ବାରିକ୍)

ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାର ସଫଳ ରୂପାୟନ ତଥା ଏ ସମ୍ପର୍କିତ ସୂଚନା ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ପାଇଁ ସଚେତନତା ରଥକୁ ବାସୁଦେବପୁର ବ୍ଲକ ପକ୍ଷରୁ ପ୍ରଥମେ ଶନିବାର ବରଣ୍ଡୁଆ ପଞ୍ଚାୟତରେ ସ୍ୱାଗତ କରାଯାଇଛି। ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ସରପଞ୍ଚ ଗୋବିନ୍ଦ ମଲିକ, ବ୍ଲକ ଜିପିଇଓ ଅମିୟ ରଞ୍ଜନ ନାଥ ପ୍ରମୁଖ ଯୋଗଦେଇ ସଚେତନତା ରଥକୁ ପୂଜାର୍ଚ୍ଚନା କରି ଶୁଭାରମ୍ଭ କରିଥିଲେ। ସୁଭଦ୍ରା ଯୋଜନାର ଗାଇଡ୍‌ଲାଇନ, ନିୟମାବଳୀ ସମ୍ପର୍କରେ ଉପସ୍ଥିତ ଜନସାଧାରଣ ଓ ପଞ୍ଚାୟତବାସୀଙ୍କୁ ବ୍ଲକ ଅଧ୍ୟକ୍ଷ ବିଶ୍ୱାଳ ଅବଗତ କରିଥିଲେ। ଏହି ରଥ ପର୍ଯ୍ୟାୟକ୍ରମେ ବ୍ଲକର ୩୬ ପଞ୍ଚାୟତ ପରିକ୍ରମା କରି ମହିଳାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବ।

## ଫେସ୍‌ବୁକ୍‌ରୁ ବନ୍ଧୁତା, ଟଙ୍କା ନେଇ ଫେରାଉନାହାନ୍ତି ମହିଳା

### ଗିରଫ ଦାବି କଲେ ଆଇନଜୀବୀ

ଭଦ୍ରକ,୮।୯(ସନାତନ ରାଉତ)

ଫେସ୍‌ବୁକ୍ ମାଧ୍ୟମରେ ଜଣେ ମହିଳାଙ୍କ ସହ ପ୍ରଥମେ ବନ୍ଧୁତା ହୋଇଥିଲା। ପରେ ମହିଳା ଜଣକ ମାୟାଜାଲରେ ଫସାଇ ତାଙ୍କଠାରୁ ୨ଥରରେ ୪ ଲକ୍ଷ ଟଙ୍କା ଉଧାର ନେଇଥିଲେ। ସେ ତାଙ୍କ ଟଙ୍କା ଫେରାଉ ନ ଥିବାରୁ ଥାନାର ଦ୍ୱାରସ୍ଥ ହେବା ସହ ଖବରଦାତା ସମ୍ମିଳନୀ ମାଧ୍ୟମରେ ଉକ୍ତ ମହିଳାଙ୍କ ଗିରଫ ଦାବି କରିଛନ୍ତି ଭଦ୍ରକ ପୌରାଞ୍ଚଳ ଅଧୀନ ନିଉକଲୋନୀ ଅପର୍ତ୍ତିବିନ୍ଧାର ଆଇନଜୀବୀ ଅନନ୍ତ ନାରାୟଣ ପଣ୍ଡା। ରବିବାର ସନ୍ଧ୍ୟାରେ ନିଉକଲୋନୀଠାରେ ଖବରଦାତା ସମ୍ମିଳନୀ କରି ସେ କହିଛନ୍ତି, ଟାଉନ ଥାନା ଅଧୀନ କୁଆଁସ ଅଞ୍ଚଳର ବିବାହିତ ମହିଳା ଫେସ୍‌ବୁକ୍‌ରେ ତାଙ୍କ ସହ ବନ୍ଧୁତା କରିଥିଲେ। ପରେ ତାଙ୍କୁ ଘରକୁ ଡକାଇ ପ୍ରେମଜାଲରେ ଫସାଇ ତାଙ୍କର ୨ ଲକ୍ଷ ଟଙ୍କା ନିହାତି ଆବଶ୍ୟକ ବୋଲି ଉଧାର ମାଗିଥିଲେ। ୨୦୨୧ ଜୁଲାଇ ୧୭ରେ ସେ ୨ଲକ୍ଷ ଟଙ୍କା ତାଙ୍କୁ ଦେଇଥିଲେ। ପରେ ପୁଣି ତାଙ୍କ ପୁଅର କଲେଜରେ ଦେବାକୁ ପଡ଼ିବ କହି ୨୦୨୧ ସେପ୍ଟେମ୍ବର ୩ରେ ୨ଲକ୍ଷ ଟଙ୍କା ନେଇଥିଲେ। ୨/୩ ମାସ ପରେ ଜମି ବିକ୍ରି କରି ଟଙ୍କା ଫେରାଇବେ ବୋଲି ମହିଳା ଜଣକ କହିଥିଲେ। ୨୦୨୩ ଜାନୁଆରୀ ୩୧ରେ ୫୦ ହଜାର ଓ ଜୁଲାଇ ୪ରେ ୨୦ ହଜାର ଟଙ୍କା ଫେରସ୍ତ କରିଛନ୍ତି। ବାକି ୩ ଲକ୍ଷ ୩୦ ହଜାର ଟଙ୍କା ମାଗିବାରୁ ଗାଳିଗୁଲଜ କରିଥିବା ନେଇ ୨୦୨୩ ଅକ୍ଟୋବର ୨୭ରେ ଟାଉନ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ମହିଳା ଜଣକ ଟଙ୍କା ନ ଦେଇ ସିମୁଳିଆ ଥାନାରେ ତାଙ୍କ ନାମରେ ବଳାତ୍କାର ମାମଲା ରୁଜୁ କରି ଜେଲ ପଠାଇଥିଲେ। ପରେ ଗତ ଏପ୍ରିଲ ୨୦ରେ ଅଭିଯୋଗ କରିବା ପରେ ଟାଉନ ଥାନାରେ ମହିଳାଙ୍କ ନାମରେ ମାମଲା (ନଂ.୨୧୯/୨୪) ରୁଜୁ ହୋଇଛି। ଏବେ ସେ ତାଙ୍କ ବାପଘରେ ରହୁଥିବା ବେଳେ ଚରମ୍ପାସ୍ଥିତ ଏକ ପେଟ୍ରୋଲ ପମ୍ପରେ ଦେଖାହେବାରୁ ଗାଳିଗୁଲଜ କରିଥିବା ନେଇ ପୁନର୍ବାର ଅଭିଯୋଗକ୍ରମେ ଗତ ଅଗଷ୍ଟ ୧୧ରେ ଟାଉନ ଥାନାରେ ଅନ୍ୟ ଏକ ମାମଲା (ନଂ.୪୬୦/୨୪) ରୁଜୁ ହୋଇଛି। ପୋଲିସ ଉକ୍ତ ମହିଳାଙ୍କୁ ତୁରନ୍ତ ଗିରଫ କରିବା ସହ ତାଙ୍କ ଟଙ୍କା ଫେରାଇବା ବ୍ୟବସ୍ଥା କରିବାକୁ ଅନନ୍ତ ନାରାୟଣ ଦାବି କରିଛନ୍ତି।

## ପ୍ରୋତ୍ସାହନ ଭତ୍ତା ଦାବି କଲେ ୱାର୍ଡସଭ୍ୟ

ତିହିଡ଼ି,୮।୯(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ ୩୧ ପଞ୍ଚାୟତରୁ ନିର୍ବାଚିତ ହୋଇଥିବା ୱାର୍ଡସଭ୍ୟ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ଭତ୍ତା ପ୍ରଦାନ ପାଇଁ ଦାବି କରିଛନ୍ତି। ସେମାନେ ଏ ସମ୍ପର୍କରେ ଏକ ଦାବିପତ୍ର ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏବିଡିଓ ମାନସ କୁମାର ଜେନା ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନୀହାର ରଞ୍ଜନ ରାଉତଙ୍କୁ ପ୍ରଦାନ କରିଛନ୍ତି। ବ୍ଲକର ୱାର୍ଡସଭ୍ୟାସଭ୍ୟଙ୍କୁ ନେଇ ନୂତନ ଭାବେ ଗଠିତ ସଂଯୋଜନା କମିଟିର ଅଧ୍ୟକ୍ଷା ହେନାଲତା ନାୟକଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି।

ସେମାନେ ଦର୍ଶାଇଛନ୍ତି ଯେ, ୱାର୍ଡସଭ୍ୟାସଭ୍ୟ ତୃଣମୂଳ ସ୍ତରରୁ ନିର୍ବାଚିତ ହେବା ସହ ୱାର୍ଡରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ନିରନ୍ତର ଉଦ୍ୟମ କରିଥାନ୍ତି। ସେମାନେ ପଞ୍ଚାୟତସ୍ତରୀୟ ବୈଠକରେ ଯୋଗଦେଇ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥାନ୍ତି। ଏପରିକି ବିଭିନ୍ନ ସମୟରେ ସେମାନଙ୍କୁ କିଛି ଲୋକଙ୍କ ଆକ୍ରୋଶର ଶିକାର ହେବାକୁ ପଡ଼ିଥାଏ। ଏପରି ସ୍ଥଳେ ସେମାନଙ୍କ ପାଇଁ କୌଣସି ପ୍ରୋତ୍ସାହନ ରାଶିର ବ୍ୟବସ୍ଥା କରା ନ ଯିବା ପରିତାପର ବିଷୟ। ନିକଟରେ ୯ଦିନ ଧରି ଅନୁଷ୍ଠିତ ପଞ୍ଚାୟତ ସମିତି ସ୍ତରୀୟ ପ୍ରଶିକ୍ଷଣ ଶିବିରରେ ସମସ୍ତ ୱାର୍ଡସଭ୍ୟ ଯୋଗ ଦେଇଥିଲେ। ଜିଲା ପରିଷଦ ସଭ୍ୟଙ୍କଠାରୁ ନାଏବ ସରପଞ୍ଚଙ୍କ ଯାଏ ଭତ୍ତା ବ୍ୟବସ୍ଥା ଥିବାବେଳେ ୱାର୍ଡସଭ୍ୟମାନେ ଏଥିରୁ ବାଦ୍ ପଡ଼ିବା ନ୍ୟାୟସଙ୍ଗତ ନୁହେଁ ବୋଲି ସେମାନେ ଦର୍ଶାଇବା ସହ ସରକାରଙ୍କ ପକ୍ଷରୁ ତୁରନ୍ତ ଏହାର ବ୍ୟବସ୍ଥା କରାଯିବାକୁ ସେମାନେ ଦାବି ଜଣାଇଛନ୍ତି।

## କୃତୀ ଛାତ୍ରୀ ସମ୍ବର୍ଦ୍ଧିତ

ଭଣ୍ଡାରିପୋଖରୀ,୮।୯
(ରାଜେନ୍ଦ୍ର ଶତପଥୀ)

୨୦୨୪ ରାଷ୍ଟ୍ରୀୟ ଆୟଭିତ୍ତିକ ମେଧାବୃତ୍ତି ଯୋଗ୍ୟତା ଛାତ୍ରବୃତ୍ତି ପରୀକ୍ଷାରେ ବାରିକପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ରୀ ଦେବୀପ୍ରସନ୍ନା ଖୁଣ୍ଟିଆ କୃତିତ୍ୱ ଅର୍ଜନ କରିଛନ୍ତି। ଶନିବାର ଗଣେଶ ପୂଜା ଅବସରରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପଦିନାରାୟଣପୁରସ୍ଥିତ ତାଙ୍କ ବାସଭବନରେ ସ୍ଥାନୀୟ ପ୍ରାଣକୃଷ୍ଣ ପାଠାଗାରର ସମ୍ପାଦକ ପୁରୁଷୋତ୍ତମ ଧଳ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗନ୍ନାଥ ନାୟକ ସମ୍ବର୍ଦ୍ଧିତ କରିଛନ୍ତି। ଦେବୀପ୍ରସନ୍ନାଙ୍କ ବାପା ନନ୍ଦକିଶୋର ଖୁଣ୍ଟିଆ, ମା' ସୁପ୍ରଭା ଖୁଣ୍ଟିଆଙ୍କ ସମେତ ପରିବାର ଲୋକ ଉପସ୍ଥିତ ଥିଲେ।

## ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ

ଭଣ୍ଡାରିପୋଖରୀ, ୮।୯
(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ୍ ରାଜେନ୍ଦ୍ରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅଭିଭାବିକା ସ୍ୱପ୍ନାରାଣୀ ଦାଶ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନଆଚାର୍ଯ୍ୟ ତପନ କୁମାର ସାହୁ ସଭାର ଆଭିମୁଖ୍ୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଅଧ୍ୟାପକ ବନମାଳୀ ପଣ୍ଡା ଯୋଗଦେଇ ସମାଜ ପାଇଁ ମା'ଙ୍କ ଅବଦାନ ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକ, କବି, ବେତାର ନାଟ୍ୟକାର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ଦାସ ଯୋଗଦେଇ ଶିଶୁର ବିକାଶରେ ମା'ଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଯୁଗ୍ମ ସମ୍ପାଦକ କରୁଣାକର ଖଣ୍ଡାଇ ବକ୍ତବ୍ୟ ରଖିଥିଲେ। ଶତାଧିକ ଅଭିଭାବିକା ସମ୍ମିଳନୀରେ ଯୋଗ ଦେଇଥିଲେ। ବରିଷ୍ଠ ଆଚାର୍ଯ୍ୟା କସ୍ତୁରୀ ପାଣି ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟା ଶୁଭଲକ୍ଷ୍ମୀ ସେନାପତିଙ୍କ ସଂଯୋଜନା ଓ ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ସମ୍ମିଳନୀରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବିକା।

## ନିର୍ମାଣାଧୀନ ଗୋଶାଳା ବୁଲି ଦେଖିଲେ ମନ୍ତ୍ରୀ

ଧାମନଗର, ୮।୯
(ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅସୁରାଳିଠାରେ ନିର୍ମାଣାଧୀନ ଗୋଶାଳା ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅସୁରାଳି ନିକଟସ୍ଥ ସ'ମିଲ ଛକଠାରେ ପ୍ରାୟ ୨ ଏକର ସରକାରୀ ଜମିରେ ବିଧାୟକ ଥିବାବେଳେ ନିଜସ୍ୱ ପାଣ୍ଠିରୁ ଗୋଶାଳା ନିର୍ମାଣ ପାଇଁ ଅନୁଦାନ ଦେଇଥିଲେ। ଉକ୍ତ ସ୍ଥାନରେ ସମ୍ପୂର୍ଣ୍ଣ ମାଟି ପକାଯାଇ ସମାନ୍ତରାଳ କରାଯିବା ସହ ଏକ ଅସ୍ଥାୟୀ ଗୋଶାଳା ଗୃହ ନିର୍ମାଣ କରାଯାଇଛି। ଶନିବାର ଅପରାହ୍ନରେ ମନ୍ତ୍ରୀ ଉକ୍ତ ସ୍ଥାନକୁ ଯାଇ ବୁଲି ଦେଖିବା ସହ ନିର୍ମାଣକାର୍ଯ୍ୟ ତ୍ୱରାନ୍ୱିତ ସମ୍ପର୍କରେ ଧାମନଗର ତହସିଲଦାର ଦୀପକ କୁମାର ଦାସଙ୍କ ସହ ଆଲୋଚନା କରିଥିଲେ। ଏହାସହ ଏଠାରେ ଥିବା ସରକାରୀ ଜମି କିଭଳି ସୁରକ୍ଷିତ ରହିବ ତାହା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।



ଅସୁରାଳିଠାରେ ଗୋଶାଳା ନିର୍ମାଣସ୍ଥଳରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

### ସରକାରୀ ଜମିକୁ ସୁରକ୍ଷିତ ରଖିବା ନେଇ ଗୁରୁତ୍ୱ

ଜିଲା ଭାଜପା ସାଧାରଣ ସମ୍ପାଦକ ମନୋରଞ୍ଜନ ମଲ୍ଲିକ, ବୁଦ୍ଧଦେବ ଜେନା, ଶହୀଦ ମଣ୍ଡଳ ସଭାପତି ଅଜୟ ବଳ, ମିଡିଆ ସେଲ୍‌ର ଜିଲା ସଂଯୋଜକ ବୈକୁଣ୍ଠ ନାଥ ସାହୁ, ସରପଞ୍ଚ ସରୋଜ ସ୍ୱାଇଁ, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର କୁମାର ସାହୁ, ଗୟାଧର ନାୟକ, ଶ୍ରୀକାନ୍ତ ନାୟକ, ସୂରଜ କୁମାର ସାହୁ, କ୍ଷୀରୋଦ ସ୍ୱାଇଁ, ରଜତ ଲେଙ୍କା, ଆଇନଜୀବୀ ଗଣେଶ ଦାଶ, ସନ୍ତୋଷ ନାୟକ, ଦେବାଶିଷ ନାୟକ, ଶେଷଦେବ ମଲ୍ଲିକ, ଅସୁରାଳି ରାଜସ୍ୱ ନିରୀକ୍ଷକ ସୁଜାତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ରାଇବଣିଆରେ ହାତୀ ଆତଙ୍କ

ଜଳେଶ୍ୱର,(ନବୀନ ସାହୁ/ରବିନାରାୟଣ ପାତ୍ର)- ରାଇବଣିଆ ଅଞ୍ଚଳରେ ହାତୀ ଉପଦ୍ରବ ଥମିବାର ନାଁ ନେଉନାହିଁ। ଫଳରେ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ମଧ୍ୟରାତ୍ରୀରେ ହାତୀଟି ଗର୍ଜନ କରୁଥିବା ବେଳେ ରବିବାର ସକାଳେ ବହୁ ଚାଷଜମି ଦଳି ନଷ୍ଟ କରିଛି। ଅନ୍ୟ କେତେକ ହାତୀ ଜଙ୍ଗଲ ଭିତରେ ରହିଥିବା ସ୍ଥାନୀୟ ଲୋକେ କହିଛନ୍ତି। ତେବେ ରାଇବଣିଆ ଅଞ୍ଚଳରେ ଗୋଟିଏ ହାତୀ ରହିଥିବାରୁ ତାର ଗତିପଥ ଉପରେ ନଜର ରଖାଯାଇଥିବା ଏସିଏଫ୍ ଜୟଶ୍ରୀ ମୁର୍ମୁ କହିଛନ୍ତି।

**ବାଲେଶ୍ୱର**

# ଉପକୂଳମୁହାଁ ହେଲେଣି ଇଲିଶି

ଭୋଗରାଇ,୮।୯(ପ୍ରଦୀପ ଦାସ)

## ମତ୍ସ୍ୟଜୀବୀ ଖୁସ୍

ଘନଘନ ଲଘୁଚାପ ଓ ପାଗ ଅନୁକୂଳ ଥିବାରୁ ସମୁଦ୍ରରେ ଇଲିସି ଉପକୂଳ ମୁହାଁ ହେଉଛନ୍ତି। ଚଳିତ ବର୍ଷାଋତୁରେ ଟ୍ରଲର ମାଲିକ ଓ ମତ୍ସ୍ୟଜୀବୀଙ୍କ ଜାଲରେ ଇଲିଶି ଧରାପଡୁଛନ୍ତି। ମାଛ ଖାଉଥିବା ଲୋକଙ୍କ ଇଲିଶି ପ୍ରତି ଦୁର୍ବଳତା ରହିଥିବାବେଳେ ସମୁଦ୍ରରେ ଆଶାତୀତ ଇଲିସି ପଡୁଥିବାରୁ ଟ୍ରଲର ମାଲିକ ଓ ମତ୍ସ୍ୟଜୀବୀ ଖୁସିବ୍ୟକ୍ତ କରିଛନ୍ତି। ଏଭଳି ସ୍ଥିତିରେ ଗଭୀର ସମୁଦ୍ରରେ ମତ୍ସ୍ୟଜୀବୀମାନେ ଜୀବନକୁ ବାଜି ଲଗାଇ ଇଲିଶି ତାଲାସୀ ଜାରି ରଖିଛନ୍ତି। ଲଘୁଚାପର ଝିପିଝିପି ବର୍ଷା ଓ ପୂର୍ବାଳୀ ବତାସ ଓ ସୂର୍ଯ୍ୟ ଓ ମେଘର ଲୁଚକାଳି ଖେଳରେ ପାଗ ଅନୁକୂଳ ରହିଛି। ବଙ୍ଗୋପସାଗର ଉପକୂଳ ମିଆଁମାର ଓ ବାଂଲାଦେଶ ଗଭୀର ସମୁଦ୍ରରୁ ଚାଣଚାଣ ଇଲିଶି ଭାରତ ଉପକୂଳ ନଦୀ ମୁହାଣକୁ ମଧୁର ଜଳ ପାନ କରିବାକୁ ଆସୁଥିବାବେଳେ ମତ୍ସ୍ୟଜୀବୀଙ୍କ ଜାଲରେ ଧରାଦେଉଛନ୍ତି। ବାଲେଶ୍ୱର ଉପକୂଳ ଉଦୟପୁର,ତାଳସାରୀ,ରଣସିଂପୁର, କୀର୍ତ୍ତନିଆ,ଚୌମୁଖ,ଡଗରା,ବାହାବଳପୁର,କଷାଫଳ ସହିତ ପଶ୍ଚିମବଙ୍ଗ ଦୀଘା, ଶଙ୍କରପୁର, ଚାନ୍ଦପୁର, ମନ୍ଦାରମଣୀ, ଜୁନପୁଟ, ପେଟୁଆ,କାକଦ୍ୱୀପ,ସାଗର ଦୀପ, ନାମଖାନା ପ୍ରଭୃତି ସମୁଦ୍ରକୂଳରେ ପ୍ରଚୁର ଇଲିଶି ଧରାଯାଇ ମତ୍ସ୍ୟ ଅବତରଣ କେନ୍ଦ୍ରରେ ନିଲାମ କରାଯାଉଛି। ସେଠାରୁ ଓଡ଼ିଶାର ବିଭିନ୍ନ ସହର ସହିତ କୋଲକାତା ଓ ଅନ୍ୟ ରାଜ୍ୟକୁ ବିକ୍ରି ନିମନ୍ତେ ପଠାଯାଉଛି। ବାଲେଶ୍ୱର ଉପକୂଳରେ ଛୋଟ ଇଲିଶି ପ୍ରଚୁର ପଡୁଥିବାବେଳେ ବଡ଼ ଇଲିଶି ବଡ଼ ବଡ଼ ସହରକୁ ଅଧିକ ଦାମରେ ବ୍ୟବସାୟୀମାନେ ପଠାଉଛନ୍ତି। ସମୁଦ୍ରରେ ୩୦୦ ଗ୍ରାମ ଓଜନର ଇଲଶି


କୀର୍ତ୍ତନିଆ ମତ୍ସ୍ୟ ଅବତରଣ କେନ୍ଦ୍ରରେ ନିଲାମ ପାଇଁ ରଖାଯାଇଥିବା ଇଲିଶି।

ଧରିବାକୁ ମତ୍ସ୍ୟ ବିଭାଗ ପକ୍ଷରୁ ନିଷେଧାଜ୍ଞା ଜାରି କରାଯାଇଥିବାବେଳେ ଟ୍ରଲର ମାଲିକମାନେ ଏହି କଟକଣାକୁ ବେଖାତିର କରି ଛୋଟ ଇଲିଶି ଧରି ପାଖ ବଜାରକୁ ବିକ୍ରି ନିମନ୍ତେ ପଠାଉଛନ୍ତି। ବାଲେଶ୍ୱର ଭୋଗରାଇ, ବାଲିଆପାଳହାଟ ବଜାରରେ ୩୦୦ଗ୍ରାମର ଇଲିଶି କେଜି ପ୍ରତି ୩୦୦ରୁ ୪୦୦ ଟଙ୍କା ଓ ୫୦୦ ଗ୍ରାମରୁ ଊର୍ଦ୍ଧ୍ୱ ଇଲିଶି ୮୦୦ରୁ ୧ ହଜାର ଟଙ୍କାରେ ହାଟବଜାରରେ ବିକ୍ରି ହେଉଛି। ଦୀଘା ମତ୍ସ୍ୟ ଅବତରଣ କେନ୍ଦ୍ରର ଫିସର ଆଣ୍ଡ ଫିସେଷ ଆସୋସିଏସନ ପାଗ ଅନୁକୂଳ ଥିବାରୁ ଆଶାତୀତ ଭାବେ ଇଲିଶି ପଡୁଥିବା ସୂଚନା ଦେଇଛି। ଗଭୀର ସମୁଦ୍ରକୁ ମାଛମାରିବାକୁ ଯାଉଥିବା ମତ୍ସ୍ୟଜୀବୀମାନେ ଟ୍ରଲର, ଭୁଟଭୁଟି ଓ ଛୋଟଡ଼ଙ୍ଗାରେ ବିପଦ ସଂକେତ ଡାଟମେଶିନ(ଜରୁରୀ ସୂଚନା) ଓ ଭାସମାନ ଜ୍ୟାକେଟ ପରିଧାନ କରିବା ବାଧ୍ୟତାମୂଳକ ହୋଇଥିବାବେଳେ ଅଧିକାଂଶ ମତ୍ସ୍ୟଜୀବୀ ତାହା ବ୍ୟବହାର କରୁ ନ ଥିବା ଭୋଗରାଇ ଭାରପ୍ରାପ୍ତ ମତ୍ସ୍ୟାଧିକାରୀ ଅନନ୍ତ କୁମାର ଜେନା କହିଛନ୍ତି। ଅପର ପକ୍ଷରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇ ଅବପାତ ରୂପ ନେଉଥିବାରୁ ସମୁଦ୍ର ଉତ୍ତାଳ ହୋଇଛି। ଏଥି ନିମନ୍ତେ ପ୍ରଶାସନ ପକ୍ଷରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ବାରଣ କରାଯାଇଥିବା ସୂଚନା ମିଳିଛି।

# ବିଜେଡିର ଗଣ ବିକ୍ଷୋଭ


ଗଣବିକ୍ଷୋଭରେ ସାମିଲ ମହିଳା,ପୁରୁଷ।

ଔପଦା, ୮।୯(ଧରିତ୍ରୀ ପଣ୍ଡା)

ଭାଜପା ସରକାର ନିର୍ବାଚନ ସମୟରେ ବୃଦ୍ଧାବୃଦ୍ଧମାନଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ ପାଇଁ ଦେଇଥିବା ପ୍ରତିଶ୍ରୁତି ପ୍ରହସନ ପାଲଟିଥିବା ପ୍ରତିବାଦରେ ଶୁକ୍ରବାର ବିଜେଡି ପକ୍ଷରୁ ଔପଦା ବ୍ଲକ ସମ୍ମୁଖରେ ଗଣ ବିକ୍ଷୋଭ କରାଯାଇଥିଲା। ବିଜେଡିର ବରିଷ୍ଠ ନେତା ରମାକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ପୂର୍ବତନ ବିଧାୟକ ଇଂ.ସୁକାନ୍ତ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟରେ ଭାଜପା ଶାସନାଧୀନ ସରକାର କେନ୍ଦ୍ର ନିୟନ୍ତ୍ରଣରେ ଚାଲୁଥିବା ବେଳେ ଅହେତୁକ ଦରଦାମ ବୃଦ୍ଧି ସାଧାରଣ ଲୋକଙ୍କୁ ସମସ୍ୟାରେ ପକାଉଛି। ନିର୍ବାଚନୀ ଇସ୍ତାହାରରେ ବିଭିନ୍ନ ପ୍ରକାର ପ୍ରତିଶ୍ରୁତି ଦେଇ ପୂରଣ ନ କରିବା ଏହା ଦୁଃଖଦାୟକ ଘଟଣା ହୋଇଥିବାରୁ ଏଥିପାଇଁ ବିଜେଡି ଆନ୍ଦୋଳନ ପନ୍ଥା ଗ୍ରହଣ କରିବ ବୋଲି ନାୟକ ବକ୍ତବ୍ୟରେ କହିଥିଲେ। ବରିଷ୍ଠ ନେତା ଗଙ୍ଗାଧର ମିଶ୍ର ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯିବ ବୋଲି କହିଥିଲେ। ଅନ୍ୟତମ ବରିଷ୍ଠ ନେତା ନିରଞ୍ଜନ ମହାନ୍ତି, ଶୁଭେନ୍ଦୁ ପଣ୍ଡା, ଗତିକୃଷ୍ଣ ନନ୍ଦ, ଶୁଭେନ୍ଦୁ ମଙ୍ଗରାଜ, ରବୀନ୍ଦ୍ର ପରିଡ଼ା, ଉଦୟ କୁମାର ସ, ମଧୁସୂଦନ ମଲ୍ଲିକ, ଗୟାଧର ସେଠୀ, ଆଦିତ୍ୟ ନାରାୟଣ ବେହେରା, ବିନୟ ପଟ୍ଟନାୟକ, ଭାସ୍କର ଖିଲାର ପ୍ରମୁଖ ନେତାମାନେ ହାତୀ ଉପଦ୍ରବରେ ଶହ ଶହ ହେକ୍ଟର ଚାଷ ଜମି କ୍ଷତି ହେଉଥିବା ଦେଖାଯାଉନାହିଁ ବୋଲି ବିକ୍ଷୋଭରେ ପ୍ରଶ୍ନ କରିଥିଲେ। ଶେଷରେ ବିଜେଡି ପକ୍ଷରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ପ୍ରଦାନ କରାଯାଇଥିଲା।

# ଖଇରାରେ ଗଜାନନଙ୍କୁ ଆରାଧନା

ଖଇରା,୮।୯(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକର ପୁରପଲ୍ଲୀରେ ସିଦ୍ଧିଦାତାଙ୍କ ପୂଜାର୍ଚ୍ଚନା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଖଇରା ଦୁର୍ଗାମଣ୍ଡପଠାରେ ଲିଜେଣ୍ଡ ଲାୟନ୍ସ କ୍ଲବ ପକ୍ଷରୁ ଆୟୋଜିତ ପୂଜାରେ ଚିନ୍ମୟ ନାୟକ ଓ ଅଶୋକ ନାୟକ କଳସ ଆଣିଥିଲେ। ସଭାପତି ବିସ୍ମୟ ନାୟକ ଓ ସମ୍ପାଦକ ଜଗନ୍ନାଥ ପାଣିଗ୍ରାହୀଙ୍କ ଦ୍ୱାରା ପୂଜା ସମ୍ପନ୍ନ ହୋଇଥିଲା। ଶ୍ରୀ ଗଣେଶ ପୂଜା କମିଟି ପକ୍ଷରୁ ଚିରଞ୍ଜୀବି ଆଶିଷ କୁମାର ବାରିକ, ଜ୍ୟୋତିରଞ୍ଜନ ମହାପାତ୍ର, ସରୋଜ କୁଅଁର ଓ ସୁରେଶ ସାହୁଙ୍କ ଦ୍ୱାରା କଳସ ଅଣାଯାଇଥିଲା। ଆଦିକନ୍ଦ ପଣ୍ଡା ଓ ଟିଙ୍କିନା ପତ୍ରୀଙ୍କ ଦ୍ୱାରା ଗଣେଶଙ୍କ ଆରାଧନା କରାଯାଇଥିଲା। ଖଇରା ୱାରିଅର୍ସ କ୍ଲବ ଆନୁକୂଲ୍ୟରେ ପୁରୁଷୋତ୍ତମପୁରଠାରେ ରୀତିନୀତିରେ ପୂଜା ଆରମ୍ଭ ହୋଇଛି। ସଭାପତି ସତ୍ୟପ୍ରକାଶ ପାତ୍ର, ସମ୍ପାଦକ କାର୍ତ୍ତିକ ସାହୁ, ସଭ୍ୟ ରୁଦ୍ର ମହାରଣା, ଶୁଭମ ତ୍ରିପାଠୀ, ଶିବଶଙ୍କର ପଣ୍ଡା, ସାଇ ସତ୍ୟଜିତ ବେହେରା, ଓମ୍ ସାହୁ ସହଯୋଗ କରିଥିଲେ। ସେହିଭଳି ଖଇରା ସାର୍ବଜନୀନ ପୂଜା କମିଟି ଆୟୋଜିତ ପୂଜା ପରିଚାଳନାରେ ଚନ୍ଦ୍ରଶେଖର ବିଶ୍ୱାଳ, ଚନ୍ଦନ ସାହୁ, ହେମନ୍ତ ମୁଖି, ବିଜୟ ବିଶ୍ୱାଳ, ମହେଶ ଗୁପ୍ତା, ଅଶୋକ ଗୁପ୍ତା, ଶୁଭମ ବିଶ୍ୱାଳ, ମୋତି ରଞ୍ଜନ ବାରିକ ପ୍ରମୁଖ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି। ବିଜେଡି ନେତା ଶଶିକୁମାର ସାହୁ, ବିଜେଡି ଜିଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, କଂଗ୍ରେସ ନେତା ହିମାଂଶୁ ଶେଖର ବେହେରା ପ୍ରମୁଖ ବିଭିନ୍ନ ପୂଜା ମଣ୍ଡପ ବୁଲି କମିଟି କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଛନ୍ତି।


ଶ୍ରୀ ଗଣେଶ ପୂଜା କମିଟି ପକ୍ଷରୁ ନିର୍ମିତ ବିନାୟକଙ୍କ ମୂର୍ତ୍ତି।

# ସୁଭଦ୍ରା ଯୋଜନା ଫର୍ମରେ ତ୍ରୁଟି ଅଭିଯୋଗ

ବାଲେଶ୍ୱର,୮।୯(ବାଞ୍ଛାନିଧି ଦେ)

## ସଂଶୋଧନ ପାଇଁ ଦାବି

ବାଲେଶ୍ୱର ପୌରପାଳିକା ୫ ନମ୍ବର ୱାର୍ଡ କାଉନସିଲର ମିତା ପଟ୍ଟନାୟକ ସୁଭଦ୍ରା ଯୋଜନା ଫର୍ମରେ ତ୍ରୁଟି ଥିବା ଅଭିଯୋଗ କରିଛନ୍ତି। ଆୟୋଜିତ ଖବରଦାତା ସମ୍ମିଳନୀରେ ଏହାର ସଂଶୋଧନ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଫର୍ମର 'ଭାଗ ଗ'ରେ ଥିବା ୫ଟି ପଏଣ୍ଟ ମାଧ୍ୟମରେ ହିତାଧିକାରୀଙ୍କ ଗୋପନୀୟତାକୁ ସରକାର ନିଜ ହାତକୁ ନେଇଯିବେ ବୋଲି ସେ ଅଭିଯୋଗ କରିଛନ୍ତି। କିଛି ହିତାଧିକାରୀ ଫର୍ମ ପଢ଼ିବା ପରେ ଆବେଦନ ନ କରି ଫେରାଇ ଦେଉଥିବା ବିଜେଡି ନେତା ରିତିକ ଜୀ ଆରୋପ ଉଠାଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟକାଳ ସମୟରେ କାଳିଆ ଯୋଜନା ଆରମ୍ଭ କରାଯାଇଥିଲା। ସେହି ଯୋଜନା ମାଧ୍ୟମରେ ଲକ୍ଷ ଲକ୍ଷ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଅନ୍‌ଲାଇନ ଜରିଆରେ ଟଙ୍କା ଦିଆଯାଇଛି। ତେବେ ସେଥିରେ ଏହି ସବୁ ସର୍ତ୍ତ ରଖାଯାଇ ନ ଥିଲା। ତେଣୁ ସେହି କ୍ରମରେ ବର୍ତ୍ତମାନର ରାଜ୍ୟ ସରକାର ଯଥାଶୀଘ୍ର ଫର୍ମର 'ଭାଗ ଗ'ରେ ଥିବା ୫ଟି ପଏଣ୍ଟ ଉପରେ ପୁନଃ ବିଚାର କରନ୍ତୁ ବୋଲି ସେ ଦାବି କରିଛନ୍ତି। ଖବରଦାତା ସମ୍ମିଳନୀରେ ୫ ନମ୍ବର ୱାର୍ଡ ବିଜେଡି ସଭାପତି ଦେବାଶିଷ ଦାଶ, ବିଜେଡି ସଦର ଉପ-ସଭାପତି ଲକ୍ଷ୍ମୀଧର ସ୍ୱାଇଁ, ଯୁବ ନେତା ମନୋରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଆଦର୍ଶ ସୁଭଦ୍ରା କେନ୍ଦ୍ର ଉଦ୍‌ଘାଟିତ

କାଳିପଦା,୮।୯(ରାଜଶ୍ରୀ ପାଣିଗ୍ରାହୀ)

ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବ୍ଲକରେ ଆଦର୍ଶ ସୁଭଦ୍ରା ଯୋଜନାର ପଞ୍ଜୀକରଣ ନିମନ୍ତେ ମୋ ସେବା କେନ୍ଦ୍ରର ଶୁଭାରମ୍ଭ କରାଯାଇଛି। ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ତହସିଲ ଅଫିସ ସମ୍ମୁଖରେ ଥିବା ମୋ ଜନସେବା କେନ୍ଦ୍ରକୁ ବ୍ଲକ ପ୍ରଶାସନ ଦ୍ୱାରା ଆଦର୍ଶ ସୁଭଦ୍ରା ପଞ୍ଜୀକରଣ ଯୋଜନାରେ ରୂପାନ୍ତରିତ କରାଯାଇଛି। ମୁଖ୍ୟଅତିଥି ଭାବେ ବାଲିଆପାଳ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବେ ବସ୍ତା ନିର୍ବାଚନ ମଣ୍ଡଳୀର ନେତା ରବିନ୍ଦ୍ରନାଥ ଅଣ୍ଡିଆ ଯୋଗଦେଇ ଆଦର୍ଶ ସୁଭଦ୍ରା କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ଏହି କେନ୍ଦ୍ରରେ ଅଧିକ କର୍ମଚାରୀ ନିଯୁକ୍ତି, ଜଣେ ଯୋଗ୍ୟ ସିଆରପି, ପାନୀୟ ଜଳର ବ୍ୟବସ୍ଥା, ମହିଳାମାନଙ୍କ ପାଇଁ ଶୌଚାଳୟ ଭଳି ମୌଳିକ ସୁବିଧା ଉପଲବ୍ଧ ହେବା ସହିତ ଫର୍ମକୁ ଷ୍ଟକ ରଖି ଅନ୍ୟ ଜନସେବା କେନ୍ଦ୍ରକୁ ଯୋଗାଇବା କାମ ହାତକୁ ନିଆଯାଇଛି ବୋଲି ବିଡିଓ ପଣ୍ଡା କହିଛନ୍ତି।

# ଇଂଲିଶ କବିତାଗ୍ରନ୍ଥ 'କ୍ରାଉନ୍ ଅଫ୍ ମେମୋରିଜ୍' ଲୋକାର୍ପିତ



ଅତିଥିଙ୍କ ଦ୍ୱାରା ପୁସ୍ତକ ଲୋକାର୍ପଣ କରାଯାଉଛି।

ବାଲେଶ୍ୱର,୮।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ସହରସ୍ଥିତ ଷ୍ଟେଶନ କ୍ଲବ୍ ସଭାଗୃହରେ କବୟିତ୍ରୀ ଯଶୋଧାରାଙ୍କ ଇଂଲିଶ କବିତାଗ୍ରନ୍ଥ 'କ୍ରାଉନ୍ ଅଫ୍ ମେମୋରିଜ୍'ଲୋକାର୍ପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ପୁସ୍ତକକୁ ଲୋକାର୍ପିତ କରିଥିଲେ। 'ଚନ୍ଦ୍ରଭାଗା' ପ୍ରକାଶନୀ ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ବିଶିଷ୍ଟ କବି ଶ୍ରୀଦେବ ପୌରୋହିତ୍ୟ କରିଥିଲେ। ସୃଜନାଞ୍ଜଳିର ନବପ୍ରତିଭା ଅର୍ଚ୍ଚିଶା ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କବି-କଥାକାର କୃଷ୍ଣକୁମାର ମହାନ୍ତି, ଇଂଲିଶ ସାହିତ୍ୟର ଗବେଷକ ଡ.ସୁବାସ ଚନ୍ଦ୍ର ପାତ୍ର, ସ୍କଲାର-ଗବେଷକ ଡ.ଶ୍ରୀମୟ ଦାସଅଧିକାରୀ, କବି ମନୁ ଦାଶ ଉପସ୍ଥିତ ଥିଲେ। ପ୍ରଖ୍ୟାତ ଚିତ୍ରଶିଳ୍ପୀ ନିତ୍ୟାନନ୍ଦ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ମୟୂରଭଞ୍ଜ**

# ଭଞ୍ଜଭୂମିର ବିକାଶରେ ସର୍ବଦଳୀୟ ସାରଥି

ବାରିପଦା,୮।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ମଞ୍ଚାସୀନ ଅତିଥି।

## ମୟୂରଭଞ୍ଜ ସିଟିଜେନ ଫୋରମର ପୁନର୍ଗଠନ

ମୟୂରଭଞ୍ଜ ଜିଲାରେ କାର୍ଯ୍ୟରତ ମୟୂରଭଞ୍ଜ ସିଟିଜେନ ଫୋରମ ପକ୍ଷରୁ ବାରିପଦା ବେଲଗଡ଼ିଆସ୍ଥିତ ପାଲେସରେ ଏକ ଜରୁରୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଫୋରମର ପ୍ରତିଷ୍ଠାତା ସଭାପତି ସନ୍ଥ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କ ଅଧ୍ୟକ୍ଷତାରେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ପୂର୍ବତନ ଉପ ଜିଲାପାଳ ରଜନୀକାନ୍ତ ବିଶ୍ୱାଳ, ଅବସରପ୍ରାପ୍ତ ଜଜ୍ ନରେନ୍ଦ୍ର କୁମାର ପ୍ରଧାନ, ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ପୂର୍ବତନ ମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁ, ପୂର୍ବତନ ଏମ୍‌ପି ଲକ୍ଷ୍ମଣ ଟୁଡୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ସର୍ବଦଳୀୟ ନେତୃବର୍ଗ, ଖବରଦାତା ଓ ବୁଦ୍ଧିଜୀବୀଙ୍କୁ ନେଇ ଜିଲାର ବିକାଶରେ ଆମର ପ୍ରୟାସ ବାର୍ତ୍ତାକୁ ସଫଳ କରିବା ଦିଗରେ ଆଲୋଚନା ହୋଇଥିଲା। ଭଞ୍ଜଭୂମିର ବିକାଶରେ ମୟୂରଭଞ୍ଜ ସିଟିଜେନ ଫୋରମ ସର୍ବଦଳୀୟ ସାରଥିଭାବେ କାମ କରୁଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ମୟୂରଭଞ୍ଜ ମିଶ୍ରଣ ଚୁକ୍ତିନାମା କାର୍ଯ୍ୟକାରୀ ହୋଇ ନ ଥିବାରୁ ୭୭ ବର୍ଷର ସ୍ୱାଧୀନତା ପରେ ମଧ୍ୟ ଜିଲା ଅବହେଳିତ ଅବସ୍ଥାରେ ପଡିରହିଛି। ଜିଲାର ବିକାଶ ଦିଗରେ ସର୍ବଦଳୀୟ ନେତୃବର୍ଗଙ୍କୁ ନେଇ ଭଞ୍ଜଭୂଇଁର ସ୍ୱରକୁ ପ୍ରାଥମିକତା ଦେବାକୁ ନେଇ ସିଟିଜେନ ଫୋରମ ପକ୍ଷରୁ ମତ ପ୍ରକାଶ ପାଇଥିଲା। ଜିଲା ଦେଇ ଯାଇଥିବା ୧୮ନଂ. ଓ ୪୯ନଂ. ଜାତୀୟ ରାଜପଥରବାଙ୍ଗିରିପୋଷି ଓ ବେତନଟୀଠାରେ ଏକ ଟ୍ରମା କେୟାର ସେଣ୍ଟର ନିର୍ମାଣ କରାଯାଇ ଜରୁରିକାଳୀନ ସେବା ଯୋଗାଇ ନିଶ୍ଚିତ ମୃତ୍ୟୁ ମୁଖରୁ ରକ୍ଷା କରାଯାଇପାରିବ। ଶିମିଳିପାଳରୁ ଝରୁଥିବା ନଦୀନାଳଗୁଡ଼ିକରେ ବନ୍ଧ ନିର୍ମାଣ କରି ଜଳସେଚନର ବ୍ୟବସ୍ଥା କରାଯାଇ ଚାଷ ଉପଯୋଗୀ କରାଗଲେ ଶିକାର ରୋକିବା ସହ ଜଙ୍ଗଲ ଅବକ୍ଷୟକୁ ରୋକାଯାଇ ପାରିବ ବୋଲି ମତପ୍ରକାଶ ପାଇଥିଲା। ସେହିପରି ମେଡିକାଲ କଲେଜ ଓ ହସ୍ପିଟାଲରେ ହୃଦ୍‌ରୋଗ ବିଶେଷଜ୍ଞ ପ୍ରଫେସର ନିଯୁକ୍ତି ସହ ଖାଲି ପଡ଼ିଥିବା ପଦବୀ ପୂରଣ, ଜିଲାରେ ଏମ୍‌ସ ପ୍ରତିଷ୍ଠା, ବାରିପଦା ସହରର ପ୍ରବେଶ ପଥ ପାଲବଣୀରେ ଗଳାପୋଲ ନିର୍ମାଣ, ସହରର ୪ଟି ପ୍ରବେଶ ପଥରେ ଫାଟକ ନିର୍ମାଣ ସହ ମହାରାଜା ଏବଂ ଶିମିଳିପାଳ ନାମରେ ନାମିତ କରିବା, ଟ୍ରମା କେୟାର ସେଣ୍ଟର ନିର୍ମାଣ ପୂର୍ବରୁ ଏୟାରଲିଫ୍ଟ ବ୍ୟବସ୍ଥା କରିବା, ଶିମିଳିପାଳର ସୁରକ୍ଷା ନିମନ୍ତେ ସଶସ୍ତ୍ର ବାହିନୀ ନିଯୁକ୍ତି, ପର୍ଯ୍ୟଟନ ଶିଳ୍ପର ବିକାଶ କରାଯାଇ ବେକାରୀ ସମସ୍ୟାକୁ ଦୂର କରିବା, ଟସର ଶିଳ୍ପ ପ୍ରତିଷ୍ଠା କରାଯାଇ ଯୁବତୀଯୁବକଙ୍କୁ ରୋଜଗାରକ୍ଷମ କରିବା, ୩ ରେଳ ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଆଦି ଦିଗରେ ରାଜ୍ୟ ଓ କେନ୍ଦ୍ରସ୍ତରୀୟ ନେତୃବୃନ୍ଦ ଏବଂ ବିଭାଗୀୟ ସଚିବଙ୍କ ନିକଟରେ ଦାବି ଉପସ୍ଥାପନା କରିବାକୁ ପ୍ରସ୍ତାବ ଗୃହୀତ ହୋଇଛି। ଏହି ଅବସରରେ ଫୋରମର ପୁର୍ନଗଠନ କରାଯାଇ ପୃଷ୍ଠ ପୋଷକ ଭାବେ ମହାରାଜା ଭଞ୍ଜଦେଓ, ସଭାପତି ଭାବେ ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ଉପ ସଭାପତି ଭାବେ ଅବସରପ୍ରାପ୍ତ ଜଜ୍ ନରେନ୍ଦ୍ର କୁମାର, ସମ୍ପାଦକ ମନୋଜ ପଣ୍ଡା, କାର୍ଯ୍ୟକାରୀ ସମ୍ପାଦକ ବିଭୁଦତ୍ତ ଦାସ, ଯୁଗ୍ମ ସମ୍ପାଦକ ବିପ୍ଳବ ବାରିକଙ୍କୁ ମନୋନୀତ କରାଯାଇଛି। ସେହିପରି ବିଭିନ୍ନ ରାଜନୈତିକ ଦଳ, ସଂଗଠନ ଓ ସମ୍ପ୍ରଦାୟର ପ୍ରତିନିଧିଙ୍କୁ ନେଇ ୧୧ଜଣିଆ କୋର କମିଟି ଓ ୨୦ଜଣିଆ ସ୍ୱତନ୍ତ୍ର ସଦସ୍ୟ ରହିଛନ୍ତି। ଏହି ଅବସରରେ ମଞ୍ଚାସୀନ ଅତିଥି, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କୁ ଫୋରମ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ମାଓବାଦୀଙ୍କ ପାଇଁ ଅଢେଇ ବର୍ଷ ବନ୍ଦ ପଡ଼ିଥିବା ଶିମିଳିପାଳକୁ ଖୋଲିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା କ୍ଷୀତିଶ ତ୍ରିପାଠୀଙ୍କ ସ୍ତ୍ରୀ କମଳପ୍ରଭା ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ନୀରୋଜ ଲୋଚନ ଦାସ, ରବି ଗୋସ୍ୱାମୀ, ଦିଲ୍ଲୀପ ଦାସ, ରାକେଶ ସିଂ, ଜୈମୁନୀ ମହାନ୍ତ, ଇଂ ଅନୀଲ ସିଂ, ଖବରଦାତା ଅକ୍ଷୟ ଅଗ୍ରୱାଲ, ସତ୍ୟାନନ୍ଦ ଶେଜପଡ଼ା, ଅଭିଜିତ ମହାନ୍ତି, ଡା.କୈଳାସ ଚନ୍ଦ୍ର ମହାନ୍ତି, ଇଂ. ନୟାଧର ପଡିଆଳ, ପରିବେଶବିତ୍ ଭାନୁମିତ୍ର ଆଚାର୍ଯ୍ୟ, ସଂଯୁକ୍ତା ବସା, ସୌମ୍ୟ ସ୍ୱରୂପ ଦାସ, ବସନ୍ତ ମହାନ୍ତ, ସଚ୍ଚିଦାନନ୍ଦ ମହାନ୍ତି, ରାଜକିଶୋର ଆଚାର୍ଯ୍ୟ, ରାକେଶ ବେହେରା ପ୍ରମୁଖ ନିଜ ନିଜର ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରିଥିଲେ।

# ନଦୀରୁ ଯୁବକଙ୍କ ମୃତଦେହ ଜବତ

ରାଇରଙ୍ଗପୁର, ୮।୯ (ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅଧୀନ ରାଉତଖମାର ବସ୍ତି ଅଞ୍ଚଳର ବୃନ୍ଦାବନ ଗାର୍ଡେନ ପାର୍ଶ୍ୱ ଖଡ଼ଖାଇ ନଦୀରେ ଭାସୁଥିବା ଜଣେ ଅଚିହ୍ନା ଯୁବକଙ୍କ ଗଳିତ ମୃତଦେହ ରବିବାର ପୋଲିସ ଜବତ କରିଛି। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମାଜିଷ୍ଟ୍ରେଟ ରାଇରଙ୍ଗପୁର ଅତିରିକ୍ତ ତହସିଲଦାର ରାଜେଶ୍ୱରୀ ମାଝୀଙ୍କ ଉପସ୍ଥିତିରେ ମୃତଦେହ ଜବତ କରିଥିଲା। ଏଥିସହ ସାଇଣ୍ଟିଫିକ ଟିମ୍ ଦ୍ୱାରା ତଦନ୍ତ କରାଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୭/୨୪ ) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆର୍‌ଏମ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ପଠାଇଥିଲା। ମୃତଦେହରେ ସାମାନ୍ୟ କ୍ଷତ ଥିବାବେଳେ ପ୍ରାୟ ୨-୩ ଦିନର ହୋଇଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଟାଉନ ଥାନା ଅଧିକାରୀ ସୁଚନ୍ଦ୍ର ମହାଳିକ କହିଛନ୍ତି।

# ଗୋଷ୍ଠୀ ସଂଘର୍ଷ: ୧୪ଜଣଙ୍କ ନାଁରେ ମାମଲା

ମୋରଡ଼ା, ୮।୯(ସ୍ମାରକ ମାଝୀ)

ମୋରଡ଼ା ଥାନା ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ଏକାଧିକ ଜଣ ଆହତ ହୋଇଥିବା ବେଳେ ଉଭୟ ପକ୍ଷରୁ ଅଭିଯୋଗକ୍ରମେ ମୋରଡ଼ା ଥାନାରେ ୧୪ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ହଳଦୀପାଳ ଗ୍ରାମର ସିପୁ ବେହେରା ଅଭିଯୋଗ କରିଛନ୍ତି ଯେ, ସେ ତାଙ୍କ ସାଙ୍ଗମାନଙ୍କ ସହ ସ୍ଥାନୀୟ ଏକ ତେନ୍ତୁଳି ଗଛ ନିକଟରେ କଥା ବାର୍ତ୍ତା ହେଉଥିବା ସମୟରେ ୯ଜଣ ଯୁବକ ହଠାତ୍ ମାରଣାସ୍ତ୍ରରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଆକ୍ରମଣରେ ତାଙ୍କ ଓଠ ଫାଟି ଯାଇଥିବା ବେଳେ ସାଙ୍ଗ ନିରଞ୍ଜନ ବେହେରା ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଜାତିଆଣ ଆକ୍ଷେପ ସହ ଜୀବନରୁ ମାରି ଦେବାର ଧମକ ଦେଇଥିଲେ। ଅଭିଯୋଗ ଆଧାରରେ ୮ଜଣଙ୍କ ନାଁରେ ଏକ ମାମଲା (ନଂ.୨୫୮/୨୪) ରୁଜୁ ହୋଇଛି। ଅପରପକ୍ଷରୁ ତପନ ମହାନ୍ତଙ୍କ ଅଭିଯୋଗକ୍ରମେ ୬ଜଣଙ୍କ ନାଁରେ ଅନ୍ୟ ଏକ ମାମଲା (ନଂ.୨୫୯/୨୪) ରୁଜୁ କରାଯାଇଛି।

# ଠାକୁରମୁଣ୍ଡାରେ ଗଡ଼ିଲା ସୁଭଦ୍ରା ସଚେତନତା ରଥ

ଠାକୁରମୁଣ୍ଡା,୮।୯
(ତାରାକାନ୍ତ ପଟ୍ଟନାୟକ)

ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ମହିଳା ସଶକ୍ତିକରଣ ପାଇଁ ଆରମ୍ଭ ହୋଇଥିବା ସୁଭଦ୍ରା ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ ଉଦ୍ଦେଶ୍ୟରେ ଠାକୁରମୁଣ୍ଡା ବ୍ଲକ୍‌ରେ ଶୁଭେଦ୍ରା ରଥ ରବିବାର ଶୁଭାରମ୍ଭ ହୋଇଯାଇଛି। ବ୍ଲକ୍ ପରିସରରେ ସୁଭଦ୍ରା ରଥକୁ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ବ୍ଲକ୍ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ରଥ ଠାକୁରମୁଣ୍ଡା ବ୍ଲକ୍‌ର ୧୮ ପଞ୍ଚାୟତରେ ଭ୍ରମଣ କରି ଡାକବାଜି ଯନ୍ତ୍ର ସାହାର୍ଯ୍ୟରେ ଜନସାଧାରଣଙ୍କୁ ସଚେତନ କରିବ। ସୁଭଦ୍ରା ଯୋଜନା ମାଧ୍ୟମରେ ଯୋଗ୍ୟ ହିତାଧିକାରୀ ମହିଳାମାନେ ବର୍ଷକୁ ୧୦ ହଜାର ଏବଂ ୫ ବର୍ଷରେ ମୋଟ ୫୦ ହଜାର ଟଙ୍କା ତାଙ୍କ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପାଇ ପାରିବେ। ଯୋଜନାର ମାନଦଣ୍ଡ ଏବଂ ଦରଖାସ୍ତ କିପରି କରିବେ ସେ ନେଇ ସୁଭଦ୍ରା ରଥ ଲୋକଙ୍କୁ ସଚେତନ କରିବ। ଏହି ଅବସରରେ ଏମ୍‌ପିଙ୍କ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ, ବିଡିଓ ସପ୍ନେଶ୍ୱର ବେହେରାଙ୍କ ସମେତ ମିଶନ ଶକ୍ତି ମହିଳା, ଶିଶୁ ବିକାଶ ଯୋଜନାର କର୍ମଚାରୀଙ୍କ ସମେତ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

# ମନ୍ତ୍ରୀଙ୍କୁ ଭେଟିଲେ ଓଷ୍ଟା ପ୍ରତିନିଧି ମଣ୍ଡଳୀ

ବାରିପଦା, ୮।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଓଷ୍ଟା (ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ)ର ଏକ ପ୍ରତିନିଧି ମଣ୍ଡଳୀ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ବାରିପଦା ସର୍କିଟ ହାଉସଠାରେ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିଗୁଡ଼ିକ ଉପରେ ସହୃଦୟତାର ସହ ବିଚାର କରିବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଓଷ୍ଟାର ମୟୂରଭଞ୍ଜର ଜିଲା ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ ଓ ସଭାପତି ଚିତ୍ତରଞ୍ଜନ ପଲତା ନେତୃତ୍ୱ ନେଇଥିଲେ। ପ୍ରତିନିଧି ମଣ୍ଡଳୀରେ ରାଜ୍ୟ ସମ୍ପାଦକ ଗୋପୀ ବଲ୍ଲଭ ଭୂୟାଁ, ଦୟାନିଧି ମହାନ୍ତ, ବଳରାମ ଦାସ, ସତ୍ୟରଞ୍ଜନ ପଟ୍ଟନାୟକ, ରଞ୍ଜିତା ଦାସ, ବିକାଶ କୁମାର ପଣ୍ଡା, ସୁଶାନ୍ତ ଗିରି, ନାରାୟଣ ବେହେରା, ସୂର୍ଯ୍ୟାନନ୍ଦ ନାୟକ, ପ୍ରଦୀପ କୁମାର ମହାନ୍ତ, ସମୀର କୁମାର ମାଇତି, ବିବର୍ତ୍ତନ ସାହୁ ପ୍ରମୁଖ ସାମିଲ ଥିଲେ।



ଓଷ୍ଟା କର୍ମକର୍ତ୍ତା ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରୁଛନ୍ତି।

# ସାପ କାମୁଡ଼ାରେ ୨ ଜୀବନ ଗଲା

ଗୋପବନ୍ଧୁ ନଗର, ୮।୯
(ଶାନ୍ତନୁ କୁମାର ମଣ୍ଡୁଆଳ)

ଗୋପବନ୍ଧୁ ନଗର ବ୍ଲକ ଅଞ୍ଚଳରେ ସାପ କାମୁଡ଼ାରେ ୨ଜଣଙ୍କ ଜୀବନ ଯାଇଛି। ସେମାନଙ୍କ ମଧ୍ୟରେ ଜଣେ ୫୬ ବର୍ଷୀୟ ବ୍ୟକ୍ତି ଓ ଅନ୍ୟ ଜଣେ ଯୁବତୀ ଅଛନ୍ତି। ମୃତ ଯୁବତୀ ହେଲେ ବରଡିହୀ ପଞ୍ଚାୟତ କିରିକିଚିଆ ଗ୍ରାମର ଶ୍ରୀକାନ୍ତ ନାଏକଙ୍କ ଝିଅ ମାମା(୨୩)। ସେ ଶନିବାର ରାତିରେ ଶୋଇଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଉଦଳା ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ବରହମପୁର ଥାନା ଅଧୀନ ପିଠାହୋତା ଗ୍ରାମର ରାମ ନାଏକ(୫୬)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ଘାସ କାଟୁଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ତାଙ୍କୁ ଉଦଳା ଡାକ୍ତରଖାନାକୁ ନିଆଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ଉଦଳା ଥାନାରେ ପୃଥକ୍ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଦେବଦେବୀଙ୍କୁ ନବାନ୍ନ ଲାଗି ପାଇଁ ପାହୁର ଯାତ୍ରା

## ସୁବର୍ଣ୍ଣପୁର ଜିଲା ପୁରପଲ୍ଲୀ ଉତ୍ସବମୁଖର

ସୋନପୁର, ୮।୯(ମୃତ୍ୟୁଞ୍ଜୟ ଶତପଥୀ)


ପୂଜକମାନେ ମା' ସମଲେଇ ମନ୍ଦିରରୁ ନବାନ୍ନ ଭୋଗ ଧରି ପାହୁର ଶୋଭାଯାତ୍ରାରେ ବାହାରୁଛନ୍ତି।

ନୂଆଁଖାଇ ଅବସରରେ ରବିବାର ସୁବର୍ଣ୍ଣପୁର ଜିଲାର ପୁରପଲ୍ଲୀ ଉତ୍ସବମୁଖର ହୋଇଉଠିଛି। ରାଜାରାଜୁଡା ଅମଳର ପୁରାତନ ପରମ୍ପରା ଅନୁଯାୟୀ ଇଷ୍ଟଦେବୀଙ୍କଠାରେ ନବାନ୍ନ ଭୋଗ ଲାଗି ସୋନପୁର ସହର ସମଲେଇ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ହୋଇଥିଲା। ସ୍ୱତନ୍ତ୍ର ପୂଜା ପରେ ସକାଳ ୮ଟାରୁ ୮ଟା ୫୫ରେ ଢୋଲ, ମହୁରୀ ସହ ସମଲେଇ ମନ୍ଦିରରୁ ଦେବଦେବୀଙ୍କ ଭୋଗର ସ୍ୱତନ୍ତ୍ର ପାହୁର ଶୋଭାଯାତ୍ରା ବାହାରିଥିଲା। ଆୟୋଜିତ ପାହୁର ଶୋଭାଯାତ୍ରାରେ ଅଷ୍ଟଚଣ୍ଡୀ ମନ୍ଦିରର ପୂଜକବୃନ୍ଦଙ୍କ ସହିତ ଶଶାଙ୍କ ଶେଖର ସିଂଦେଓ, ପ୍ରାକ୍ତନ ନଗରପାଳ ପ୍ରକାଶ ସାହୁ, ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ଅଭିମନ୍ୟୁ କୁଶଳ, ଶିବରାମ ସାହୁ, ବୈକୁଣ୍ଠନାଥ ଶତପଥୀ, ପୁରୁଷୋତ୍ତମ ପାଣିଗ୍ରାହୀ, ଲଡୁକିଶୋର ମଲ୍ଲିକ, ସତ୍ୟନାରାୟଣ ତ୍ରିପାଠୀ, ଆଶାରାମ ନାଏକ, ମନୋରଞ୍ଜନ ତ୍ରିପାଠୀ, ଜନ୍ମେଜୟ ପାତ୍ର, ଦେବକିଶୋର ଦାନୀ, ରାଜକିଶୋର ରାଓ, ନାରାୟଣ ରଥ, ଆନନ୍ଦ ପାତ୍ର, ଶେଷଦେବ ମେହେର, ମାନସ ରଞ୍ଜନ ମିଶ୍ର ଓ ଦେବାଶିଷ ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।

ଏଥିରେ ମନ୍ଦିରର ପୂଜକ, ଶ୍ରଦ୍ଧାଳୁ ଓ ଜନସାଧାରଣ ସାମିଲ ହୋଇଥିଲେ। ନୂଆଁଖାଇ ପାହୁର ପର୍ବ ପୁରାତନ ଗଡଜାତ ରାଜ୍ୟର ପ୍ରଚଳିତ ପ୍ରଥା। ପରମ୍ପରା ଓ ଧାର୍ମିକ ନୀତି ନିୟମ ଅନୁସାରେ ନିର୍ଦ୍ଧାରିତ ଲଗ୍ନରେ ନବାନ୍ନ ଭୋଗ ଏବଂ ପୂଜା ସାମଗ୍ରୀ ସହରର ଅଷ୍ଟଚଣ୍ଡୀ, ଅଷ୍ଟବିଷ୍ଣୁ, ଅଷ୍ଟଶମ୍ଭୁ ଓ ବଡ ହନୁମାନଙ୍କୁ ପଠାଯାଇଥିଲା। ପୂର୍ବାହ୍ନ ୯ଟା ୨୩ରୁ ୯ଟା ୩୭ମିନିଟ୍ ମଧ୍ୟେ ମହେନ୍ଦ୍ର ବେଳାରେ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀଙ୍କୁ ରାଜଭୋଗ ଅର୍ପଣ କରାଯାଇଥିଲା। ପରେ ନିର୍ଦ୍ଧାରିତ ଶୁଭଲଗ୍ନରେ ଜିଲାବାସୀ ଓ ପୁରାତନ ସୋନପୁର ଗଡଜାତରେ ପଞ୍ଚରା ଅଞ୍ଚଳବାସୀ ନବାନ୍ନ ଖାଇଥିଲେ। ପ୍ରତ୍ୟେକ ପରିବାରର ଇଷ୍ଟଦେବୀଙ୍କଠାରେ ନବାନ୍ନ ଲାଗି ହେବା ପରେ ସମସ୍ତେ ନବାନ୍ନ ଭକ୍ଷଣ କରିଥିଲେ। ନୂଆଖାଇବା ପରେ ଛୋଟମାନେ ବଡ ଲୋକଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ନେଇଥିଲେ। ଅପରାହ୍ନରେ ବିନିକା ସହର ନୂଆପଡାରେ ନଡିଆ ଭଙ୍ଗା ଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ସମୂହ ନୂଆଁ ଖାଇଲେ ଗ୍ରାମବାସୀ

ବରଗଡ଼, ୮।୯( ପ୍ରେମାନନ୍ଦ ଖମାରୀ)


ବିଲେଇବେରନା ଗ୍ରାମବାସୀ ଏକାଠି ନବାନ୍ନ ଭକ୍ଷଣ କରୁଛନ୍ତି।

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ରବିବାର ପୁରପଲ୍ଲୀରେ ପାଳିତ ହୋଇଯାଇଛି। ଏହି ପର୍ବରେ ପରିବାରର ସମସ୍ତେ ଏକାଠି ହୋଇ ନବାନ୍ନ ଭକ୍ଷଣ କରିଛନ୍ତି। ଏହା ସହିତ ଜୁହାର ଭେଟ ହୋଇ ପରସ୍ପର ଭାବ ଆଦାନ ପ୍ରଦାନ କରିଛନ୍ତି। ତେବେ ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ସରକଣ୍ଡା, ଅତାବିରା ବ୍ଲକ ଅନ୍ତର୍ଗତ ଜହ୍ନାପଡା ପଞ୍ଚାୟତର ବରାହମୁଣ୍ଡା ଏବଂ ଭେଡେନ ବ୍ଲକ ଅନ୍ତର୍ଗତ ବିଲେଇବେରନା ଗ୍ରାମର ନୂଆଁଖାଇ ଥିଲା ସବୁଠୁ ଭିନ୍ନ। ଏଠାରେ କେବଳ ପରିବାର ନୁହେଁ, ସାରା ଗ୍ରାମବାସୀ ଏକାଠି ହୋଇ ନବାନ୍ନ ଭକ୍ଷଣ କରି ଅନ୍ୟମାନଙ୍କ ଉଦାହରଣ ପାଇଁ ସାଜିଛନ୍ତି।

ସରକଣ୍ଡା ଗ୍ରାମବାସୀ ୮ଦିନ ପୂର୍ବରୁ ଏକ ସଭା କରିଥିଲେ ଏବଂ ଅନ୍ୟବର୍ଷ ଭଳି ଏଥର ସମୂହ ନୂଆଁଖାଇ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ। ସଭାର ନିଷ୍ପତ୍ତି ଅନୁଯାୟୀ, ଗ୍ରାମର ପ୍ରତି ଘରୁ ଚାଉଳ, ଡାଲି ଏବଂ ପରିବା ସଂଗ୍ରହ ହୋଇଥିଲା। ରବିବାର ଭୋରରୁ ଗ୍ରାମର କଲ୍ୟାଣ ମଣ୍ଡପରେ ଭୋଜିଭାତ ହୋଇଥିଲା। ଗ୍ରାମର ଆବାଳବୃଦ୍ଧବନିତା ଗୋଟିଏ ସ୍ଥାନରେ ଏକାଠି ହୋଇ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି କଲ୍ୟାଣ ମଣ୍ଡପକୁ ଆସିଥିଲେ। ସେଠାରେ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଇଙ୍କ ପୂଜାର୍ଚ୍ଚନା କରିଥିଲେ। ଗ୍ରାମର ଝାଙ୍କର ନବାନ୍ନ ଦେଇଥିଲେ। ସମସ୍ତେ ତାହା ଭକ୍ଷଣ କରିବା ପରେ ଭୋଜିଭାତ ଖାଇଥିଲେ। ଭୋଜନ ପରେ ଜୁହାର ଭେଟ ହୋଇଥିଲା।

ଅନୁରୂପ ଭାବେ ବରାହମୁଣ୍ଡା ଗ୍ରାମବାସୀ ନୂଆଁଖାଇ ପାଳନ କରିଥିଲେ। ସମସ୍ତେ ନିଜ ଘରେ ପୂଜାପାଠ ସାରି ଗ୍ରାମର ଗୋଟିଏ ସ୍ଥାନରେ ଏକତ୍ରିତ ହୋଇଥିଲେ। ସେଠାରେ ଭୋଜିଭାତରେ ସେମାନେ ସାମିଲ ହୋଇଥିଲେ। ଭୋଜିଭାତ ସରିବା ପରେ ଜୁହାର ଭେଟ ହୋଇ ପରସ୍ପର ଭାବ ବିନିମୟ କରିଥିଲେ। ସନ୍ଧ୍ୟାରେ କୀର୍ତ୍ତନ ହୋଇଥିଲା। ବିଲେଇବେରନା ଗ୍ରାମବାସୀ ମଧ୍ୟ ଏକାଠି ହୋଇ ନବାନ୍ନ ଭକ୍ଷଣ କରିଥିଲେ। ନବାନ୍ନ ଭକ୍ଷଣ ପରେ ଦିନବେଳା କୀର୍ତ୍ତନ କରିଥିଲେ। ଏହାସହିତ ଗ୍ରାମର ଝିଅପୁଅ ପୁଚି, କବାଡି ଆଦି ଖେଳ ଖେଳିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।




























































